# Akashvani, Sambalpur

## SAMBALPURI NEWS EVENING BULLETIN

## 2 April 2026-7.02- 7.12 pm.

---

୧- ସୁନ୍ଦର୍, ସକ୍ଷମ୍ ଆଉ ବର୍କସ୍ ଅଙ୍ଗନବାଡ଼ି ଗଠନ୍ ଆମର୍ ଲକ୍ଷ୍ୟ- କହେଲେ ଉପମୁଖ୍ୟମନ୍ତ୍ରୀ ।

- ରାଏଜେ ୧୮ ଶହ ୮୯ ଟା ନୂଆଁ ଅଙ୍ଗନବାଡ଼ି କେନ୍ଦ୍ରର୍ କଲେ ଉଦ୍‌ଘାଟନ୍ ।

୨- ସବୁ ସହରାଂଚଲ୍‌କେ ଦିଆଯିବା ପିଏନ୍‌ଜି ସଂଯୋଗ୍ - କହେଲେ ଯୋଗାଣ ମନ୍ତ୍ରୀ ।

୩- ଶେଷ୍ ହେଲା ମେଟ୍ରିକ୍ ପରୀକ୍ଷା ଖାତାଦେଖା- ଆଏବା ମାସେ ବାହାର୍‌ବା ପରୀକ୍ଷାଫଲ୍ ।

ଆଉର୍

୪- 'ଅଟିଜିମ୍ ଆଉ ମାନବିକତା- ଫି ଜୀବନ୍‌ର ମୂଲ୍ୟ' ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ଅଟିଜମ୍ ଦିବସ୍ ।

ଅଙ୍ଗନବାଡ଼ି ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ୩୦ ଟା ଜିଲ୍ଲା ନ ତିଆର୍ ହେଇଥିବା ୧ ହଜାର୍ ୮ ଶହ ୮୯ ଟା ଅଙ୍ଗନବାଡ଼ି କେନ୍ଦ୍ର ଆଏଜ୍ ଉଦ୍‌ଘାଟିତ୍ ହେଇଛେ । ଭୁବ୍‌ନେଶ୍ୱର୍ ମହିଳା ଶିଶୁ ବିକାଶ୍ ବିଭାଗ୍‌ର ସମ୍ମିଳନୀ କକ୍ଷ ନ ଆଭାସୀ ଜରିଏ ଇ ସବୁକେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ୍ କରିଥିବାର୍ ବେଲେ କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ ଉପସ୍ଥିତ୍ ଥିଲେ । ଇ ଅବ୍‌ସରେ ଉଦ୍‌ବୋଧନ୍ ଦେଇକରି ଉପମୁଖ୍ୟମନ୍ତ୍ରୀ କହିଛନ୍, ସୁନ୍ଦର୍, ସକ୍ଷମ୍ ଆଉ ବର୍‌କସ୍ ଅଙ୍ଗନବାଡ଼ି ଗଠନ୍ ହିଁ ଆମର୍ ମୂଲ୍ ଲକ୍ଷ୍ୟ ଆଏ ।

ଆଏବା ଜୁଲାଇ ମାସ୍‌ତକ୍ ଅଢ଼େଇ ହଜାର୍ ଅଙ୍ଗନବାଡ଼ି ଘର୍ ଲୋକାର୍ପଣ୍ କର୍‌ବାର୍‌କେ ଲକ୍ଷ୍ୟ ଧାରିଜ୍ ହେଇଛେ ଆଉ ସବୁ ଅଙ୍ଗନବାଡ଼ି କେନ୍ଦ୍ରକେ ରାଜ୍ୟ ସର୍‌କାର୍ ସକ୍ଷମ୍ ଅଙ୍ଗନବାଡ଼ି କେନ୍ଦ୍ର କର୍‌ବେ ।

ଓଡ଼ିଆ ପକ୍ଷ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ପାଲନ୍ ହେଉଥିବା ଓଡ଼ିଆ ପକ୍ଷ ପାଲନ୍ ଅବ୍‌ସରେ ଆଏଜ୍ ଆଉ ଆଏବା କାଏଲ୍ ପାରମ୍ପାରିକ୍ ପୋଷାକ୍ ପରିଧାନ୍ ଦିବସ୍ ଆମର୍ ପୋଷାକ ଆମର୍ ପରିଚୟ ପାଲନ୍ କରାଯାଉଛେ । ରାଜ୍ୟ ସର୍‌କାରୀ କର୍ମଚାରୀ, ଅଧିକାରୀ ଆଉ ସାଧାରଣ୍ ଲୁକ୍‌କୁ ଓଡ଼ିଶା ହସ୍ତତନ୍ତ ପୋଷାକ୍ ପିନ୍ଧ୍‌ବାର୍‌କେ ଇ ଅବ୍‌ସରେ ଉତ୍ସାହିତ୍ କରାଯାଉଛେ । ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ହସ୍ତତନ୍ତ, ବୟନ ଆଉ ହସ୍ତଶିଳ୍ପ ବିଭାଗ୍ ପରିଚାଲିତ୍ ବୟନିକା, ଉତ୍କଳିକା, ରେସମ୍ ଓଡ଼ିଶା ଆଉ ସମ୍ବଲ୍‌ପୁରୀ ବସ୍ତ୍ରାଳୟର୍ ହସ୍ତତନ୍ତ କପ୍‌ଡ଼ା ଉପ୍‌ରେ ୩୦ ପ୍ରତିଶତ୍ ରିହାତି ଦିଆଯିବା । ହସ୍ତତନ୍ତ ପୋଷାକ୍ ପିନ୍ଧିକରି ଓଡ଼ିଆ ପକ୍ଷ ୨୦୨୬ ୱେବ୍‌ସାଇଟ୍‌ଥି ସେଲ୍‌ଫି କର୍‌ବାର୍ ଲାଗି ଆହ୍ୱାନ୍ ଦିଆଯାଇଛେ ।

ଜନଗଣନା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଗଲାକାଏଲ୍‌ନୁ ଜନଗଣନା ମୁଲ୍ ହେଇଛେ । ପହେଲା ଦିନେ ୧୭ ହଜାର୍ ବ୍ୟକ୍ତିବିଶେଷ୍ ସ୍ୱଜନଗଣନା କରିଛନ୍ ।

ଡିଜିଟାଲ୍ ପ୍ରକ୍ରିୟାଥି ଲୋକ୍ମାନେ ଇଥି ଭାଗ୍ ନେଇଛନ୍ ବଲି ରାଜ୍ୟ ଜନଗଣନା ନିର୍ଦ୍ଦେଶକ୍ ନିଖିଲ୍ ପଓ୍ୱନ୍ କଲ୍ୟାଣ୍ କହିଛନ୍ । ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଜନଗଣନା ସମନ୍ୱୟ କମିଟିର୍ ବୈଠକ୍ଥି ସବୁ ଜିଲ୍ଲାର୍ ଜିଲ୍ଲାପାଲ୍, ଭିନ୍ ଭିନ୍ ବିଭାଗୀୟ ସଚିବ ଆଉ ଉନ୍ନୟନ୍ କମିଶନରଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନ୍କର୍ ସାଙ୍ଗେ ଆଲୋଚନା କରିଛନ୍ । ସ୍ୱଗଣନା ପ୍ରକ୍ରିୟାଥି ଅଏତ୍କା ସଂଖ୍ୟାଥି ସାମିଲ୍ ହେବାର୍କେ ସାଧାରଣ୍ ଲୁକ୍କୁ ମୁଖ୍ୟ ଶାସନ୍ ସଚିବ ଆଉ ଜନଗଣନା ନିର୍ଦ୍ଦେଶକ୍ ଅନୁରୋଧ୍ କରିଛନ୍ । ଆଏବା ୧୫ ତାରିଖ୍ତକ୍ ଜନସାଧାରଣ୍ ନିଜେ ଅନ୍ଲାଇନ୍ ଜରିଏ ସେମାନ୍କର୍ ପରିବାର୍ ଆଉ ଘର୍ ବାବଦ୍ ସବୁ ତଥ୍ୟ ଦେଇପାର୍ବେ । ଆଏବା ୧୬ ତାରିଖ୍ନୁ ମେ ୧୫ ତାରିଖ୍ତକ୍ ରାଜ୍ୟର୍ ସବୁ ଜିଲ୍ଲା ନ ସର୍କାରୀ କର୍ମଚାରୀମାନେ ଘର୍ ଘର୍ ଯାଇକରି ସର୍ଭେ କର୍ବେ ।

ପିଏନ୍ଜି ସଂଯୋଗ-ଯୋଗାଣମନ୍ତ୍ରୀ ଏକ୍ସ

ରାଏଜେ ସବୁ ସହରାଂଚଲ୍‌ମାନ୍‌କେ ପିଏନ୍‌ଜି ସଂଯୋଗ୍ ଯୁଗେଇ ଦିଆଯିବା ବଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେନ୍ତା ଗାଁ ଇଲାକା ନ ଏଲ୍‌ପିଜି ସିଲିଣ୍ଡର୍ ଯୋଗାଣ ଆଘର୍ ବାଗିର୍ ଜାରି ରହେବା । ଗେସ୍ କଲାବଜାରୀକେ ରୁକ୍‌ବାର୍ ଲାଗି ଇ-କେୱାଇସି ବ୍ୟବସ୍ଥା ଅପ୍‌ନାଯିବା । ଇ-କେୱାଇସି ସରିଗଲେ ଆଉ କେହି କାହାରିର୍ ନାଁଥି ଗେସ୍ ନେଇ ନାଇଁପାରନ୍ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

(ଭଏସ୍ ଓଭର୍- କୃଷ୍ଣଚନ୍ଦ୍ର ପାତ୍ର)

ଇ ବାବ୍‌ଦେ ତେିଲ କମ୍ପାନୀମାନ୍‌କର୍ ସାଙ୍ଗେ ମନ୍ତ୍ରୀ ଶ୍ରୀ ପାତ୍ର ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗୁଟେ ସମୀକ୍ଷା ବୈଠକ୍ କରିଛନ୍ । ବୈଠକ୍‌ଥି ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଆଉ ଯୋଗାଣ ବିଭାଗ୍ ସଚିବ ଉପସ୍ଥିତ୍ ଥିଲେ ।

ପ୍ରଦୂଷଣ୍ ପ୍ରମାଣ୍‌ପତ୍ର ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଗାଡ଼ି ମଟର୍ ମାନ୍‌କର୍ ପ୍ରଦୂଷଣ୍ ପ୍ରମାଣ୍‌ପତ୍ର ଯାଂଚ୍ ପ୍ରକ୍ରିୟାକେ ଫେର୍‌ଘାଏ କଡ଼ାକଡ଼ି କରାଯାଇଛେ । ବାଣିଜ୍ୟ

ଆଉ ପରିବହନ୍ ବିଭାଗ୍ ତରଫ୍ରୁ ସଡ଼କ୍  ସୁରକ୍ଷାକେ ନେଇକରି ଜାରି ରହିଥିବା ଇ ଅଭିଯାନ୍ ଆଏବା ୧୦ ତାରିଖ୍‌ତକ୍ ବଢ଼ାଯାଇଛେ । ପ୍ରଦୂଷଣ୍ ପ୍ରମାଣ୍‌ପତ୍ର ନାଇଁଥିଲେ ୧୦ ହଜାର୍ ଟଙ୍କାତକ୍ ଜରିମାନା ଆଦାୟ କରାଯିବା । ପରିବହନ୍ ବିଭାଗ୍ ତରଫ୍ରୁ ଗ୍ରୀନ୍ ଷ୍ଟିକର୍ ଭିଲ୍ ୟୁଗେଇ ଦିଆଯାଉଛେ । ଯେନ୍‌ଟାକେ ଗାଡ଼ିମାନ୍‌କେ ଲଗାବାର୍‌କେ ବିଭାଗ୍ ତରଫ୍ରୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଧାନ୍ ଘିନା ହି.ସ.

ରାଏଜେ ଚଲ୍‌ତି ଖରିଫ୍ ଋତୁଥି ୧୮ ଲାଖ୍ ୬୪ ହଜାର୍ ଚାଷୀଙ୍କର୍‌ନୁ ରେକର୍ଡ଼ ସଂଖ୍ୟକ୍ ୭୭ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନା ହେଇଛେ ବଲି ସର୍‌କାର୍‌ଙ୍କର୍ ତରଫ୍ରୁ କୁହାଯାଇଛେ । ରାଜ୍ୟ ସର୍‌କାର୍ ଧାନ୍ ଘିନା ସମିଆକେ ଆଉ ୭ ଦିନ୍ ବଢ଼େଇଥିବାର୍‌ନୁ ଚାଷୀମାନ୍‌କର୍‌ନୁ ଇ ସମିଆ ଭିତ୍‌ରେ ଧାନ୍ ଘନାଯିବା ବଲି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ କହିଛନ୍ । ଆଏବା ବଛର୍ ସମସ୍ୟା ନାଇଁ ହେବାର୍ ଲାଗି

ସର୍କାର୍ ସବୁ ପ୍ରକାର୍ ବ୍ୟବସ୍ଥା କରୁଛନ୍ ବଲି ମନ୍ତ୍ରୀ କହିଛନ୍ ।

କେନ୍ଦ୍ରମନ୍ତ୍ରୀ- ପତ୍ର ପ୍ରେସ୍ ରିଲିଜ୍

ଅନୁଗୁଲ୍ ଜିଲ୍ଲା ନ ଖଣିଜ ଉତ୍ପାଦନ୍ ଆଉ ଶିଳ୍ପ ବୃଦ୍ଧିକେ ନଜର୍‌ଥି ରଖିକରି ଛେଣ୍ଡିପଦା ଅନୁଗୁଲ୍ ରାଜ୍ୟ ରାଜ୍‌ପଥ୍ ୬୩ କେ ୪ ଥାକିଆ କର୍‌ବାର୍ ସହେତେ ଜନବସତି ଇଲାକା ନ ବାଇପାସ୍ ତିଆର୍ କର୍‌ବାର୍ ଲାଗି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଚିଠି ଜରିଏ ଜନେଇଛନ୍ । ଆଏବା ୨୦୩୩ ମସିହାତକ୍ କୁଇଲା ଉତ୍ପାଦନ୍ ବଛର୍‌କ ୨ ଶହ ୫୦ ନୁ ୩ ଶହ ମିଲିୟନ୍ ଟନ୍‌କେ ବଢ଼୍‌ବା ବଲି ଆକଲନ୍ କରାଯାଇଛେ । ଇ ପଦକ୍ଷେପ୍ ଲାଗି ସାଧାରଣ୍ ଲୁକଙ୍କର୍ ଜୀବନ୍‌ଶୈଲୀଥି ପରିବର୍ତନ୍ ଆସ୍‌ବାର୍ ସହେତେ ସେ ଇଲାକା ନ କୁଇଲା ଆଉ ଶିଳ୍ପ ପରିବହନ୍ ସହଜ୍ ହେବା ବଲି ଶ୍ରୀ ପ୍ରଧାନ୍ ଚିଠିଥି ଉଲ୍ଲେଖ୍ କରିଛନ୍ ।

ମେଟ୍ରିକ୍ ପରୀକ୍ଷା ଖାତାଦେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ମେଟ୍ରିକ୍ ପରୀକ୍ଷା ଖାତାଦେଖା ଆଏଜ୍ ଶେଷ୍ ହେଉଛେ । ଆଏବା ମାସ ପହେଲା କି ଦୁଇ ନମ୍ବର୍ ହପ୍ତାଥି ପରୀକ୍ଷା ଫଲ୍ ବାହାରିବା ବଲି ମାଧ୍ୟମିକ୍ ଶିକ୍ଷା ପରିଷଦ୍ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ ।

(ଭଏସ୍ ଓଭର୍- ଶ୍ରୀକାନ୍ତ ତରାଇ)

ଇ ବଛର୍ ମେଟ୍ରିକ୍ ପରୀକ୍ଷାଥି ୫ ଲାଖ୍ ୬୧ ହଜାର୍ ୯ ଶହ ୭୯ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ ।

ଯୁକ୍ତ ଦୁଇ ଖାତାଦେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚମାଧ୍ୟମିକ୍ ଶିକ୍ଷା ପରିଷଦ୍ ପରିଚାଳିତ୍ ଯୁକ୍ତ ଦୁଇ ପରୀକ୍ଷାଖାତାଦେଖା ଆଏଜ୍‌ଠାନୁ ୭୫ ଟା ଅନ୍‌ଲାଇନ୍ କେନ୍ଦ୍ର ଆଉ ୭୬ ଟା ଅଫ୍‌ଲାଇନ୍ କେନ୍ଦ୍ର ନ ମୁଲ୍ ହେଇଛେ ।

ଆଏଜ୍‌ଠାନୁ ଆଏବା ୧୪ ତାରିଖ୍‌ତକ୍ ଆଉ ୧୫ ନୁ ୨୮ ତାରିଖ୍‌ତକ୍ ୨ ନମ୍ବର୍ ଖେପେ ଖାତାଦେଖା ହେବା । ମୋଟ୍ ୧୬ ହଜାର୍ ୪ ଶହ ୫୮ ଜନ୍ ପରୀକ୍ଷକ ଖାତାଦେଖାଥି ନିୟୋଜିତ ହେଇଛନ୍ ବଲି ଉଚ୍ଚମାଧ୍ୟମିକ୍ ଶିକ୍ଷା ପରିଷଦ୍ ପରୀକ୍ଷା ନିୟନ୍ତ୍ରକ ଡକ୍ଟର୍ ପ୍ରଶାନ୍ତ କୁମାର୍ ପରିଡ଼ା କହିଛନ୍ ।

ସଂସଦ୍- କିରେନ୍ ରିଜିଜୁ ଆର୍‌ଏନ୍‌ୟୁ/ ସମ୍ବଲପୁର

ସଂସଦ୍‌କେ ଆଏଜ୍ ମୁଲ୍‌ତବୀ ରଖାଯିବାର୍ ସହେତେ ମହିଲା ସଂରକ୍ଷଣ୍ ବାବଦ୍ ଗୁଟେ ଜରୁରୀ ଆଇନ୍ ଉପ୍‌ରେ ଆଲୋଚନା ଲାଗି ଫେର୍‌ଘାଏ ବୈଠକ୍ ବସ୍‌ବା ବଲି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ । ରାଜ୍ୟସଭା ନ ଆଏଜ୍ କଂଗ୍ରେସ୍ ନେତା ଜୟରାମ୍ ରମେଶ୍‌ଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ଶ୍ରୀ ରିଜିଜୁ କହିଛନ୍, ୨ ନୁ ୩ ହପ୍ତା ଉତ୍‌ରୁ ଫେର୍‌ଘାଏ ବୈଠକ୍ ବସ୍‌ବାର୍ ସମ୍ଭାବନା ରହିଛେ । ଇଥିର୍‌ଲାଗି ସର୍‌କାର୍ ଭିନ୍ ଭିନ୍ ରାଜନୈତିକ୍ ଦଲ୍ ସହେତେ ବିଚାର୍ ବିମର୍ଷ କରିଛନ୍ । ପ୍ରମୁଖ ବିରୋଧୀ ଦଲ୍ କଂଗ୍ରେସ୍

ଆଏବା ବିଧାନ୍‌ସଭା ନିର୍ବାଚନ୍ ଶେଷ୍ ହେବାର୍ ଉତ୍‌ରୁ ଅଧିବେଶନ୍ ଡକାବାର୍‌କେ ସର୍‌କାର୍‌ଙ୍କୁ ଚିଠି କରିଛନ୍ । ମହିଲା ସଂରକ୍ଷଣ୍ ଗୁଟେ ଜରୁରୀ ପ୍ରସଙ୍ଗ ଆଉ ଇତାକେ ସର୍ବସମ୍ମତିଥି ସଂସଦ୍ ନ ପାରିତ୍ କରାଯିବାର୍ ଉପ୍‌ରେ ଶ୍ରୀ ରିଜିଜୁ ଜୋର୍ ଦେଇଛନ୍ । ସେଆଡ଼େ ରାଜ୍ୟସଭା ନ ବିରୋଧୀ ଦଲ୍ ନେତା ମଲ୍ଲିକାର୍ଜୁନ୍ ଖଡ଼୍‌ଗେ ଇ ବାବ୍‌ଦେ ସର୍ବଦଳୀୟ ବୈଠକ୍ ଡାକ୍‌ବାର୍ ଲାଗି ଦାବି ଉପସ୍ଥାପନ୍ କରିଛନ୍ ।

ରାଜ୍‌ଧାନୀ ପ୍ରତିଷ୍ଠା ଦିବସ୍ ପ୍ରସ୍ତୁତି ଆଇ.ଆଣ୍ଡ୍.ପି.ଆର୍

ଆଏବା ୧୩ ଆଉ ୧୪ ତାରିଖ୍ ୨ ଦିନ୍‌ତକ୍ ରାଜ୍‌ଧାନୀ ପ୍ରତିଷ୍ଠା ଦିବସ୍ ପାଲନ୍ କରାଯିବା । ୧୩ ତାରିଖ୍ ସଖାଲେ ରାଜ୍‌ଧାନୀ ପ୍ରତିଷ୍ଠା ଶିଳାନ୍ୟାସ୍ ଫଲକ୍ ନ ମାଲ୍ୟାର୍ପଣ୍ ସହେତେ ପରେଡ଼୍ ପ୍ରଦର୍ଶନ୍ କରାଯିବା । ସେନ୍ତା ଉତ୍କଳ ମଣ୍ଡପ୍ ଠାନେ ଦୁହି ଦିନର୍ ସଞ୍ଜେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯିବା । ଇ ବଛର୍ ଇ ଉତ୍ସବ୍‌କେ ଓଡ଼ିଆ ପକ୍ଷ ସାଙ୍ଗେ

ମିଲିତ୍ ସମନ୍ୱୟଥି ପାଲନ୍ କରାଯିବାର୍‌କେ ନିଷ୍ପତି ନିଆଯାଇଛେ । ଇଥିର୍‌ଲାଗି ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ଅଟିଜମ୍ ସଚେତନତା ଦିବସ ଆର୍‌ଏନ୍‌ୟୁ ସମ୍ବଲ୍‌ପୁର୍

ଛୁଆମାନ୍‌କର୍ ନ ଅଟିଜମ୍ କି ଜଟିଳ ସ୍ନାୟୁଗତ ବିକାଶ୍ ଜନିତ ବ୍ୟାଧି କ୍ଷେତ୍ରଥି ସଚେତନତା ସୃଷ୍ଟି କର୍‌ବାର୍ ଉଦ୍ଦେଶ୍ୟଥି ଆଏଜ୍ ବିଶ୍ୱ ଅଟିଜମ୍ ଦିବସ୍ ପାଲନ୍ କରାଯାଉଛେ । ଅଟିଜମ୍ ରୋଗ ମସ୍ତିଷ୍କକେ ପ୍ରଭାବିତ୍ କର୍‌ସି । ମସ୍ତିଷ୍କର ବିକାଶ୍ ସମ୍ବନ୍ଧୀୟ ରୋଗ ସାଧାରଣ ଭାବେ ଛୁଆବେଲୁ ଆରମ୍ଭ ହେସି । ଇ ରୋଗ୍‌ଥି ପଡୁଥିବା ଛୁଆ ଆଉ ବୟସ୍କ ଲୋକ୍‌ମାନ୍‌କର୍ ଦେଖିବାର୍, ଶୁନ୍‌ବାର୍ ଆର୍ ଅନୁଭବ୍ କର୍‌ବାର୍ ଲକ୍ଷଣ୍‌ଥି ବିଚ୍ୟୁତି ଦେଖାଦେସି । ଅଟିଜମ୍ ରୋଗ୍‌ଥି ପଡୁଥିବା ଛୁଆମାନ୍‌କର୍ କହେବାର୍ ଆର୍ ଶୁନ୍‌ବାର୍ ଶକ୍ତି

ବହୁତ୍ ପରିମାଣ୍‌ଥି କମିଯାଏସି । ଅଟିଜମ୍ ଗୁଟେ ସ୍ନାୟୁଗତ ସମସ୍ୟା ହେଇଥିବାର୍‌ନୁ ଛୁଆବେଲେ ଝନେ ଛୁଆର୍ ମସ୍ତିଷ୍କ ଠିକ୍‌କରି ବିକଶିତ ନାଇଁହୁଏ । ଜନମ୍ ବେଲେ ଇ ରୋଗ୍ ଜନାନାଇଁପଡ଼େ । ଧିରେ ଧିରେ ଛୁଆର ଶାରୀରିକ ଅଭିବୃଦ୍ଧି ସାଙ୍ଗେ ଇ ରୋଗ୍‌ର ଲକ୍ଷଣ୍ ଦେଖାଦେସି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍‌ର ସୂଚ୍‌ନା ଅନ୍‌ସାରେ ଫି ଶହେ ଛୁଆ ଭିତ୍‌ରେ ଝନ୍‌କର୍ ଅଟିଜମ୍ ରୋଗ୍ ହେସି । ରୋଗ୍‌ର ଚିକିତ୍ସା କରେଇପାର୍‌ଲେ ଛୁଆର୍ ବେଭାର୍‌ଥି ବହୁତ୍‌ଟେ ଉନ୍ନତି ହେବାର୍ ଦେଖାଯାଏସି ଆଉ ଛୁଆର୍ ସାମାଜିକ ଆଉ ଯୋଗାଯୋଗ ଦକ୍ଷତା ବଢ଼୍‌ସି । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ 'ଅଟିଜମ୍ ଆଉ ମାନବିକତା: ଫି ଜୀବନ୍‌ର ମୂଲ୍ୟ' ।

ଚନ୍ଦନ୍ ଯାତ୍ରା          ପୁରୀ ସମ୍ବାଦଦାତା

ପବିତ୍ର ଚୈତ୍ର ପୁନି ତିଥି ନ ଆଏଜ୍‌ଠାନୁ ବିଧି ଅନ୍‌ସାରେ ଶ୍ରୀକ୍ଷେତ୍ର ପୁରୀ ନ ଖରାଦିନିଆ ଚନ୍ଦନ୍ ଯାତ୍ରା ଲାଗି ପ୍ରସ୍ତୁତି ମୁଲ୍

ହେଇଛେ । ନରେନ୍ଦ୍ର ପୁଷ୍କରିଣୀ ନ ବୁଡ଼ିକରି ରହିଥିବା ନନ୍ଦା, ଭଦ୍ରା ଆଉ ବୈଜୟନ୍ତୀ ଡଙ୍ଗାକେ ଭୋଇ ସେବକ୍ ମାନେ ପାଏନ୍‌ନୁ ବାହାର୍ କରିଛନ୍ । ଆଏବା ୨୦ ତାରିଖ୍ ଦିନ ଅଖିତୃତୀୟା ଅବ୍‌ସରେ ଚନ୍ଦନ୍ ଯାତ୍ରା ମୁଲ୍ ହେବା । ଅତି ଖରା ନୁ ନିସ୍ତାର୍ ଲାଗି ୨୧ ଦିନ୍‌ତକ୍ ମାହାପୁରୁମାନ୍‌କର୍ ଚଳନ୍ତି ପ୍ରତିମା ନରେନ୍ଦ୍ର ପୁଷ୍କରିଣୀ ନ ଚନ୍ଦନ୍ ଚାପ ଖେଲ୍‌ସନ୍ । ଡଙ୍ଗା ମାନ୍‌କୁ ଆଏଜ୍‌ଠାନୁ ପାଏନ୍‌ନୁ ବାହାର୍ କରାଯାଇକରି ମରାମତି ଉତ୍‌ରୁ ରଙ୍ଗ୍ କରାଯିବା ।

ବାସେଳି ଦେବୀ ପୂଜା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ସହର୍ କେଉଁଟ ସାହି ନ ଆଏଜ୍ ବାସେଳି ଦେବୀଙ୍କର୍ ପୂଜା ହେଇଛେ । ବାସେଳି ପୂଜା ପ୍ରାକ୍ ବୈଦିକ୍ ଯୁଗର୍ ମହାନ୍ ଆଦିମ ସଂସ୍କୃତି ଆଏ । ହେଥିର୍‌ଲାଗି ଇତାର୍ ସଂରକ୍ଷଣ୍, ସୁରକ୍ଷା ଆଉ ପ୍ରସାର୍ ଦର୍‌କାର୍ ରହିଛେ ।

ମା ସୁନାଦେଇ- ଚଇତ୍‌ପୁନି ଯାତ୍ରା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟ ନ ଚକୋଟିଆ ଭୁଞ୍ଜିଆ ସମ୍ପ୍ରଦାୟର୍ ଅଧିଷ୍ଠାତ୍ରୀ ଦେବୀ ମା ସୁନାଦେଇଙ୍କର୍ ଚଇତ୍‌ପୁନି ଯାତ୍ରା ହେଇଯାଇଛେ । ଇ ଯାତ୍ରା ଦିନ ମା ସୁନାଦେଇ ଛତର୍ ଦିହେ ବିରାଜିକରି ଲିଙ୍ଗଭଟା ଠାନେ ପାରମ୍ପରିକ୍ ପୂଜା ପାଠ୍ ହେଇଛେ । ଖଡ଼ିଆଲ୍ ରାଜା ଦେବ ଦେବ ସିଂହଦେଓ ମାଙ୍କର୍ ପୂଜା କରିକରି ତାଙ୍କର୍ ଆଶିର୍ବାଦ୍ ନେଇଥିଲେ ।